भारतीय प्रौद्योगिकी संस्थान भुवनेश्वर
**Indian Institute of Technology Bhubaneswar**

**Press Release**

# ଆଇଆଇଟି ଭୁବନେଶ୍ୱରରେ ରକ୍ତଦାନ ଶିବିର ଆୟୋଜିତ
# ୧୯୫ ୟୁନିଟ୍ ରକ୍ତ ସଂଗୃହିତ

**ଭୁବନେଶ୍ୱର, ୩୦ ଅଗଷ୍ଟ ୨୦୨୫:** ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱରର ଏନଏସଏସ ବ୍ୟୁରୋ, ପ୍ରବାହ ଟିମ୍, ଛାତ୍ର ଜିମଖାନା, ସାମାଜିକ ଏବଂ ସାଂସ୍କୃତିକ ଦଳ, ଏନଜିଓ ସହାୟ ଏବଂ ଏସ୍.ସି.ବି. ମେଡିକାଲ କଲେଜ ଏବଂ ହସ୍ପିଟାଲ, କଟକର ସହଯୋଗରେ ଆଜି 'ଉମ୍ମିଦ ୫.୦' ନାମକ ଏକ ମେଗା ରକ୍ତଦାନ ଶିବିର ଆୟୋଜନ କରିଥିଲେ। ପ୍ରତିଷ୍ଠାନ କ୍ୟାମ୍ପସ ଭିତରେ ଥିବା କମ୍ୟୁନିଟି ସେଣ୍ଟରରେ ଅନୁଷ୍ଠିତ ଏହି ଶିବିରରେ ୧୯୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

ଏହି ଅବସରରେ ପ୍ରଫେସର ରାଜେଶ ରୋଶନ ଦାଶ, ଡିନ୍ (ଛାତ୍ର ବ୍ୟାପାର) ଏବଂ ପ୍ରତିଷ୍ଠାନର ରେଜିଷ୍ଟ୍ରାର ଶ୍ରୀ ବାମଦେବ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇ ଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ, ଡକ୍ଟର ସୀମା ବାହିନୀପତି, ପ୍ରଫେସର-ଇନ-ଚାର୍ଜ (ସ୍ୱାସ୍ଥ୍ୟସେବା); ଡକ୍ଟର ସନ୍ତୋଷକୁମାର ଜି, ଅଧ୍ୟକ୍ଷ, ପ୍ରବାହ; ଡକ୍ଟର ଶୁଭ୍ରାଦୀପ ମୁଲ୍ଲିକ, ଫ୍ୟାକଲ୍ଟି ଆଡଭାଇଜର, ସାମାଜିକ ଏବଂ ସାଂସ୍କୃତିକ; ଛାତ୍ର ଜିମଖାନାର ସାମାଜିକ-ସାଂସ୍କୃତିକ ସଚିବ, ପ୍ରବାହର ମୁଖ୍ୟ ସଂଯୋଜକ, ସୁଧାଂଶୁ, ସୋଲ୍ସ ଫର୍ ସୋଲେସ୍, ଏବଂ ଚନ୍ଦ୍ର ଶେଖର, ଏନଏସଏସ ସଂଯୋଜକ; ଡକ୍ଟର ସଂହତି ତ୍ରିପାଠି, ରକ୍ତ ଭଣ୍ଡାର ଅଧିକାରୀ; ଏବଂ ଏସ.ସି.ବି. ମେଡିକାଲ କଲେଜ ଏବଂ ହସ୍ପିଟାଲ, କଟକର ଦଳ, ଶ୍ରୀ କୈଳାସ ଷଡ଼ଙ୍ଗୀ ଏବଂ ଏନଜିଓ ସହାୟର ଦଳ ଉପସ୍ଥିତ ଥିଲେ। ଡକ୍ଟର ଶିବୈୟା ବାଥୁଲା, ସଂଯୋଜକ-ଏନଏସଏସ ଶିବିରର ସଂଯୋଜନା କରିଥିଲେ। ପ୍ରତିଷ୍ଠାନର ଅଧ୍ୟାପକ, କର୍ମଚାରୀ, ଛାତ୍ର ଏବଂ ବାସିନ୍ଦାମାନେ ଏହି ମହାନ ପଦକ୍ଷେପରେ ଅଂଶଗ୍ରହଣ କରିଥିଲେ ଏବଂ ରକ୍ତଦାନ କରିଥିଲେ।

-------------------